# ଜାତୀୟ କବି ବାଞ୍ଛାନିଧି

**ଶ୍ରୀ ଯତୀନ୍ଦ୍ର ମୋହନ ମହାନ୍ତି**

ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୀବନ କାଳ ସ୍ୱଳ୍ପ । ଏହାରି ଭିତରେ ସେ ବହୁ ଜଂଜାଳର ସମ୍ମୁଖୀନ ହୋଇ କର୍ତ୍ତବ୍ୟ ପଥରେ ଆଗେଇ ଯାଇଥିଲେ । ପିତା ଚିନ୍ତାମଣି ନିମ୍ନ ମଧ୍ୟବିତ୍ତ ପରିବାର ଭୁକ୍ତ ବ୍ୟକ୍ତି । ଇରମର ଜମିଦାର ନୀଳମାଧବ ପାଢୀଙ୍କର ଜମିଦାରୀ ସିରସ୍ତାରେ ସ୍ୱଳ୍ପ ବେତନଭୋଗୀ ଗୁମାସ୍ତା ଚାକିରୀରେ ନିଯୁକ୍ତ ହୋଇଥିଲେ । ସ୍ୱଳ୍ପ ଆୟରେ ପରିବାର ଭରଣପୋଷଣ କରିବା କଷ୍ଟ ସାଧ୍ୟ ହେଉଥିଲା । ଜମିଦାର ସିରସ୍ତାରେ ମୁକରିର ଥାଇ ସୁଦ୍ଧା ଚିନ୍ତାମଣି ସ୍ୱାଧୀନଚେତା ନ୍ୟାୟବନ୍ତ ବ୍ୟକ୍ତି ହୋଇଥିବାରୁ ଜମିଦାରଙ୍କ ପ୍ରଜାପୀଡ଼ନ କାର୍ଯ୍ୟଗୁଡ଼ିକୁ ସ୍ୱୀକାର କରିବା ସମ୍ଭବ ହୋଇ ନଥିଲା । ଏହି ଦୃଷ୍ଟିରୁ ସଦାସର୍ବଦା ଜମିଦାର ଓ ଚିନ୍ତାମଣିଙ୍କ ମାନମନାନ୍ତର କ୍ରମାଗତ ବୃଦ୍ଧି ପାଇବାରୁ ଚିନ୍ତାମଣିଙ୍କୁ ଗୁମାସ୍ତା ଚାକିରୀ ଛାଡ଼ି ଭଦ୍ରକ କଚେରୀରେ ମୋହରୀର କାର୍ଯ୍ୟ କରିବାକୁ ପଡ଼ିଥିଲା । କବି ବାଞ୍ଛାନିଧି, ପିତା ଚିନ୍ତାମଣିଙ୍କ ପ୍ରତି ଜମିଦାରଙ୍କର ଆକ୍ରୋଶ, ରୁକ୍ଷ ବ୍ୟବହାର ଓ ଚିନ୍ତାମଣିଙ୍କ ସ୍ୱାଧୀନଚେତା ଭାବ ଓ ଅନ୍ୟାୟର ପ୍ରତିବାଦ ଇତ୍ୟାଦି ବାଞ୍ଛାନିଧି ବାଲ୍ୟ ଜୀବନରେ ବେଶ୍ ପ୍ରଭାବ ପକାଇଥିଲା ।

ପିତା ଚିନ୍ତାମଣି ଆର୍ଥିକ ଦୃଷ୍ଟିରୁ ନିଜେ ଦରିଦ୍ର ଥାଇପାରନ୍ତି କିନ୍ତୁ ନିଜର ମର୍ଯାଦା, ଆତ୍ମସମ୍ମାନ ଦୃଷ୍ଟିରୁ ସେ ମାନସିକ ସ୍ତରରେ ଦରିଦ୍ର ନଥିଲେ । ପିତା ଚିନ୍ତାମଣିଙ୍କ ଚରିତ୍ର ଓ ଆଚରଣରେ ଯେଉଁ ସାଧୁତା ଓ ନ୍ୟାୟପରାୟଣତାର ପ୍ରାଞ୍ଜଳ ଛବି ଦେଖିବାକୁ ମିଳିଥିବା ତାର ପ୍ରତିଫଳନ ହୋଇଥିଲା ପୁତ୍ର ବାଞ୍ଛାନିଧିଙ୍କ ଠାରେ । ମାତା ପବିତ୍ରା ଦେବୀ ଧର୍ମପ୍ରାଣା ମହିଳା ଥିବାରୁ ଏହି ଆଦର୍ଶ ଜୀବନର ପ୍ରଭାବ ମଧ୍ୟ ଦୁଇ ପୁତ୍ର ବାଞ୍ଛାନିଧି, ପ୍ରେମାନନ୍ଦ ଓ କନ୍ୟା(ଭିକି)ଙ୍କ ଉପରେ ପଡ଼ିବା ସ୍ୱଭାବିକ ।

ବାଞ୍ଛାନିଧି ପ୍ରାୟତଃ ଲାଜକୁଳା ଥିଲେ । ନିୟମିତ ଚାଟଶାଳୀ ଯିବାରେ ତ୍ରୁଟି ଥିଲା । ମାତ୍ର ପବିତ୍ରାଙ୍କ ଅନୁଶାସନ ଯୋଗୁଁ ସୁଧୁରି ଯାଇଥିଲା ଓ ଅବଧାନଙ୍କ ତତ୍ତ୍ୱାବଧାନରେ ସେ ଶ୍ରୀପଞ୍ଚମୀ ଓ ଅନ୍ୟାନ୍ୟ ପୂଜା ଉତ୍ସବ ଅବସରରେ ପୁରାତନ ଛାନ୍ଦ, ଚମ୍ପୁ ଓ ଜଣାଣମାନ ଗାନ କରି ସମସ୍ତଙ୍କୁ ମୁଗ୍ଧ କରୁଥିଲେ । ଅବଧାନେ ନିଜକୁ ଗର୍ବିତ ଅନୁଭବ କରି ପିତା ଚିନ୍ତାମଣିଙ୍କ ଠାରୁ ଧୋତି ଓ ସଦା ଆଦାୟ କରୁଥିଲେ । ବାଞ୍ଛାନିଧିଙ୍କ ନିର୍ଭୁଲ ସଂଗୀତ ସ୍ୱର ଓ ତାଳ ମାଧ୍ୟମରେ ଗାନ ପିତା ତଥା ପରିଜନଙ୍କୁ ଆନନ୍ଦ ଓ ଉତ୍ସାହ ପ୍ରଦାନ କରିଥିଲା । ଭବିଷ୍ୟତରେ ପୁତ୍ର ଯେ ଦିନେ ସୁଗାୟକ ହେବ ସେଥିରେ ପିତା ଚିନ୍ତାମଣିର ତିଳେ ହେଲେ ସଂଦେହ ନଥିଲା । ବାଲ୍ୟାବସ୍ଥାରୁ ତାର ପରିଚୟ ମିଳିଥିଲା ।

ତାଙ୍କର ଜାତୀୟଭାବ ଉଦ୍ରେକ କାରୀ ସଂଗୀତ ତତ୍କାଳୀନ ସମୟରେ ଆଲୋଡ଼ନ ସୃଷ୍ଟି କରିଥିଲା । ଅନେକ ସଂଗୀତ ଉତ୍କଳର ଘରେ ଘରେ ଆଦୃତ ହୋଇଥିଲା ଓ ସମସ୍ତେ ଅନୁପ୍ରାଣିତ ହୋଇଥିଲେ । କବି ବାଞ୍ଛାନିଧିଙ୍କୁ ବହୁ ଭାବରେ ସ୍ୱାଧୀନତା ସଂଗ୍ରାମ ସମୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ସଂଗ୍ରାମର ଭୂମିକା । ଆଦର୍ଶ ଜାତୀୟତା ଭାବ ଓ ଦେଶ ଗଠନର ଚିନ୍ତାଧାରା ନିର୍ଭୀକ ଓ ଚେତନାଶୀଳ ଭାବେ ମତ ପ୍ରଦାନ କରିବାକୁ ପ୍ରଭାବିତ କରିଥିଲା । କବି ବାଞ୍ଛାନିଧି ରେଭେନ୍ସା କଲେଜରେ ଅଧ୍ୟୟନ ସମୟରୁ ହିଁ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ, ବକ୍ତୃତା ଓ ଆଦର୍ଶ ପ୍ରତି ଅନୁପ୍ରାଣିତ ହୋଇଥିଲେ । ଉତ୍କଳମଣି ଗୋପବନ୍ଧୁଙ୍କ ସାନ୍ନିଧ୍ୟ, ବ୍ରିଟିଶ ରାଜା ବିରୁଦ୍ଧରେ ମହାତ୍ମା ଗାନ୍ଧିଙ୍କ ଆହ୍ୱାନ ଆଦି ତାଙ୍କୁ ଜାତୀୟ ସ୍ରୋତରେ ସାମିଲ ନିମନ୍ତେ ପ୍ରେରଣା ଯୋଗାଇଥିଲା । ତାଙ୍କର ଉତ୍କଳ ଭୂମି ପ୍ରତି ଯେତିକି ସମ୍ମାନ ଓ ଭକ୍ତି, ଭାରତମାତା ମଧ୍ୟ ସେପରି ଭକ୍ତି ଓ ସମ୍ମାନ ରହିଥିଲା ।

ବାଞ୍ଛାନିଧି ମେଟ୍ରିକ୍ , ଏଣ୍ଟ୍ରାନ୍ସ ଓ ବି.ଏ. ପାଶ୍ ପରେ ପିତା ହୁଏତ ଚାହୁଁଥିବେ ବଡ଼ ପୁଅ ଚାକିରୀ କରିବ । ମାତ୍ର ବିଧିର ବିଧାନ ଭିନ୍ନ । "କିଏ ଜଗାଇ ଦେଲା କିଏ ବଜାଇ ଦେଲା ଏ ଜାତି ପ୍ରାଣେ ଅଭିନବ ବାଂଶୁରୀ" କବିତାରେ ଲେଖକ ବାଞ୍ଛାନିଧି ଶୁଣିଥିଲେ ସେ ଅଭିନବ ବାଂଶୁରୀର ସ୍ୱନ । ଉନ୍ମାଦିତ, ଉଦ୍‌ବେଳିତ ହୋଇଥିଲା ତାଙ୍କର ମନ ଓ ପ୍ରାଣ । ଝାସ ଦେଇଥିଲେ ସେହି ତ୍ୟାଗୀ ଗୋପବଂଧୁ, ମହାତ୍ମା ଗାନ୍ଧିଙ୍କର ଉନ୍ମାଦ ଭରା ଦେଶପ୍ରେମ ବହ୍ନିରେ । ନିଜର ପରିବାର ଭରଣ ପୋଷଣ ପୁତ୍ର କନ୍ୟା ସ୍ତ୍ରୀ ପ୍ରତି ନଜର ନଥିଲା । ଦେଶ ଓ ଜାତି ପାଇଁ ଜୀବନ ଉତ୍ସର୍ଗ ପରେ ପିତା ଚିନ୍ତାମଣିଙ୍କର କ୍ଷୋଭ "ଚାକିରୀ ପଛେ ନହେଲା ଓକିଲାତି କର" ଏହା ବାଞ୍ଛାନିଧିଙ୍କର ବୋଧହୁଏ ଜୀବନ ସଂଗ୍ରାମର ଶେଷ ରାହା । ଭଂଗା କୁଡ଼ିଆରେ କାହିଁକି କେଜାଣି ଭଂଗା ଜୀବନକୁ କବିତା ଢଂଗରେ ଭସାଇ ଦେବା ନିମନ୍ତେ ସ୍ୱପ୍ନ ଦେଖି ଭାବିଥିଲେ ଓକିଲାତି କରି ତାଙ୍କ ସଂସାରର ଦଦରା ନାବଟିକୁ ପାର କରିନେବେ । ଓକିଲାତି ଲାଇସେନ୍ସ ପ୍ରେରଣ କରିଥିଲେ । ମାତ୍ର ତାହା ଭଦ୍ରକରେ ୧୯୩୮ ମସିହା ଜୁଲାଇ ୨୮ ତାରିଖରେ ପହଂଚିବା ପୂର୍ବରୁ କବିଙ୍କ ଦଦରା ନାବ ଅପ୍ରେଲ ୧୯ ତାରିଖରେ ବୁଡ଼ି ଯାଇଥିଲା ।

ବାଞ୍ଛାନିଧି ଭବନ
ବଂକସାହି, ଭଦ୍ରକ